# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14 January – 2026

*********************************

## ମୁଖ୍ୟ ସମ୍ବାଦ

- ବୌଦ୍ଧ ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର
- ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ; କହିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ
- ପୁରୀ ଶ୍ରୀମନ୍ଦିରରେ ମକର ଚଉରାଶୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମହାପ୍ରଭୁ

ଏବଂ

- ରାଜ୍ୟରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ଜାରି ରହିବ ଶୀତଲହରୀ; ୬ଟି ଜିଲ୍ଲାକୁ ସତର୍କ ସୂଚନା

## ବୌଦ୍ଧ ସମ୍ମିଳନୀ

ରାଜ୍ୟରେ ବୌଦ୍ଧ ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ରାଜ୍ୟ ସରକାରଙ୍କ ସଂସ୍କୃତି, ପର୍ଯ୍ୟଟନ ବିଭାଗ ଓ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଉଦୟଗିରିଠାରେ ଆୟୋଜିତ ଦ୍ୱିତୀୟ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀର ଚତୁର୍ଥ ଦିବସରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଓ କରୁଣାର ବାର୍ତ୍ତା ବିଶ୍ୱରେ ପହଞ୍ଚିପାରିବ। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କିର୍ତ୍ତୀରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ସରକାର ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି।

ରାଜ୍ୟର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଓଡ଼ିଶାକୁ ଦେଶର ବୌଦ୍ଧ ପର୍ଯ୍ୟଟନ ସର୍କିଟ ସହ ଯୋଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ରାଜ୍ୟର ବୌଦ୍ଧ ତନ୍ତ୍ରଯାନ ଏବଂ ଗୁରୁ ପଦ୍ମସମ୍ଭବ

ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି। ସମ୍ମିଳନୀରେ ଦେଶବିଦେଶରୁ ପ୍ରାୟ ୧ ହଜାର ୭୦୦ରୁ ଊର୍ଦ୍ଧ୍ୱ ଧର୍ମାବଲମ୍ବୀ, ଗୁରୁ ଓ ପର୍ଯ୍ୟଟକ ଯୋଗଦେଇଛନ୍ତି। ଏହି ଅବସରରେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚିତ ହୋଇଛି। ସମ୍ମିଳନୀରେ ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନର ରିଚାର୍ଡ ଦିକ୍‌ସେ ଫରାସୀ ତତ୍ତ୍ୱବିତ୍ ଡକ୍ଟର ଫ୍ରେଡ୍‌ରିକ୍ ମରୁନ୍‌ଭାଲ, ବିଶିଷ୍ଟ ଲେଖକ ତଥା ଗବେଷକ ପ୍ରବୀର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ବ୍ୟାସକବି

ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ଓ ଓଡ଼ିଆ ଭାଷାକୁ ଜୀବନ୍ତ ରଖିବାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସୂରଜ କହିଛନ୍ତି, ବ୍ୟାସକବିଙ୍କ ସାହିତ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଯୁବପିଢ଼ି ବ୍ୟାସକବିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଆଗେଇ ଆସିବା ଦରକାର। ସରକାରୀ ନଥିପତ୍ରରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଶ୍ରୀ ସୂରଜ କହିଛନ୍ତି.....

**- V/O -(ସୂର୍ଯ୍ୟବଂଶୀ ସୂରଜ)**

ଏହି ଅବସରରେ ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ଡକ୍ଟର ନୃସିଂହ ଚରଣ ଷଡଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'ରେ ସମ୍ମାନିତ କରାଯାଇଛି ।

## କୁମ୍ଭୀର ସଂଖ୍ୟା

ଶିମିଳିପାଳ ଜାତୀୟ ଉଦ୍ୟାନରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସଦ୍ୟ ଶେଷ ହୋଇଥିବା କୁମ୍ଭୀର ଗଣନା ଅନୁଯାୟୀ, ସେମାନଙ୍କ ସଂଖ୍ୟା ୮୪ରେ ପହଞ୍ଚିଛି । ଗତବର୍ଷ ଏହି ସଂଖ୍ୟା ଥିଲା ୮୧ । ଚଳିତମାସ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଶିମିଳିପାଳରେ ଥିବା ୮ଟି ପ୍ରମୁଖ ଜଳାଶୟର ୨୦ଟି ସ୍ଥାନରେ ଏହି ଗଣନାକାର୍ଯ୍ୟ କରାଯାଇଥିଲା । ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ଥିବା ଜଣାପଡିଛି । ଦକ୍ଷିଣ ଶିମିଳିପାଳ ଜଙ୍ଗଲ ଉପଖଣ୍ଡରେ ୭୮ଟି କୁମ୍ଭୀର ଥିବାବେଳେ ଉତ୍ତର ଶିମିଳିପାଳ ଉପଖଣ୍ଡରେ ଗୋଟିଏ ଏବଂ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୫ଟି କୁମ୍ଭୀର ଅଛନ୍ତି । ନିରନ୍ତର ସଂରକ୍ଷଣ ପଦକ୍ଷେପ ଯୋଗୁଁ କୁମ୍ଭୀରମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଙ୍ଗଲ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ।

# ମକର ସଂକ୍ରାନ୍ତି

ଫସଲ ଅମଳର ପର୍ବ ମକର ସଂକ୍ରାନ୍ତି ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଶୀତ ଋତୁର ଶେଷ ଏବଂ ଦିନ ବଡ଼ ହେବାର ଆରମ୍ଭକୁ ଏହି ଦିବସ ସୂଚୀତ କରିଥାଏ । ଆଜିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଏହାକୁ ଭିନ୍ନ ଭିନ୍ନ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠ ତଥା ଅନ୍ୟ

ମନ୍ଦିରଗୁଡିକରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି । ବିଭିନ୍ନ ମହୋଦଧି ଓ ନଦୀରେ ଶ୍ରଦ୍ଧାଳୁମାନେ ବୁଡ ପକାଉଛନ୍ତି ।

ମକରସଂକ୍ରାନ୍ତିର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରର ବୈତରଣୀ ନଦୀ ଶୈବ୍ୟା କାବେରୀ ଘାଟରେ ବୁଡ଼ ପକାଇବା ସହ ରଘୁନାଥ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଏହି ମହାନ୍ ପରମ୍ପରା ଆମ ସାମାଜିକ ଏକତା ଓ ସଂହତିକୁ ଆହୁରି ସୁଦୃଢ଼ କରୁଛି।

**- V/O - (CM)**

# ମକର ସଂକ୍ରାନ୍ତି-ଜିଲ୍ଲା

ରାଜ୍ୟର ବିଭିନ୍ନ ଶୈବପୀଠଗୁଡ଼ିକରେ ମକର ସଂକ୍ରାନ୍ତି ଲାଗି ବିଶେଷ ନୀତିକାନ୍ତି ଅନୁଷ୍ଠିତ ହେଉଛି। ସାକ୍ଷୀଗୋପାଳସ୍ଥିତ ଶ୍ରୀଗୋପାଳ ଜୀଉଙ୍କ ମନ୍ଦିର, ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥ ଦେବଙ୍କ ପୀଠ, ଭଦ୍ରକର ଆରଡ଼ିର ବାବା ଆଖଣ୍ଡଳମଣି ପୀଠ, ବଡ଼ମ୍ବାର ସିଂହନାଥ ପୀଠ, ପଶ୍ଚିମ ଓଡ଼ିଶାର ନୃସିଂହନାଥ, ହରିଶଙ୍କର, ମା'ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

**ନୟାଗଡ଼** ଜିଲ୍ଲାର ଭାପୁର, ଓଡ଼ଗାଁ , ଖଣ୍ଡପଡା, ଦଶପଲ୍ଲା, ଗଣିଆ ଆଦି ବ୍ଲକ୍‌ର ୧୨ଟି ସ୍ଥାନରେ ମକର ମେଳା ଆଜିଠାରୁ ଆରମ୍ଭ ହୋଇଛି। କୃଷିଭିତ୍ତିକ ଏହି ପର୍ବରେ ଠାକୁରଙ୍କ ନିକଟରେ ସୁସ୍ୱାଦୁ ମକର ଚାଉଳ

ନୈବେଦ୍ୟ ଭାବରେ ଅର୍ପଣ କରାଯାଇଛି । ଅନ୍ୟପକ୍ଷରେ  ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋ ଶ୍ରୀନୀଳମାଧବଜୀଉଙ୍କ ଠାରେ ଧନୁସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ନୀତି ଆଜି ଶେଷ ହୋଇଛି । ଏହା ସହ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର ଦକ୍ଷିଣପାର୍ଶ୍ୱ ଦେବତା ଭାବେ ବିରାଜିତ ସିଦ୍ଧେଶ୍ୱର ମହାଦେବଙ୍କ ପାଶ୍ୱପରିବର୍ତ୍ତନ କରାଯାଇଛି ।

**ବୌଦ୍ଧ** ଜିଲ୍ଲା ପଲାସାଗୁଡ଼ାଠାରେ ମକର ମେଳା ଆରମ୍ଭ ହୋଇଛି । ୧୩ ଦିନ ଧରି ଆୟୋଜିତ ଏହି ମେଳାରେ ପ୍ରଥମ ଦିନରେ ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।

**ରାୟଗଡ଼ା**ର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ସମେତ ବିଭିନ୍ନ ଦେବୀ ଓ ଶୈବପୀଠରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା ।

**ଭଦ୍ରକ** ସହର କଚେରୀ ବଜାରଠାରେ ଥିବା ମା' ତାରିଣୀଙ୍କ ମନ୍ଦିରରେ ଆୟୋଜିତ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇଛନ୍ତି । ଆରଡିର ବାବା ଆଖଣ୍ଡଳମଣୀ ଆଜି ଶ୍ରଦ୍ଧାଳୁମାନଙ୍କୁ ଦିଗମ୍ବର ଯୋଗୀ ଓ ବଡସିଂହାର ବେଶରେ ଦର୍ଶନ ଦେଉଛନ୍ତି ।  ଏହି ଅବସରରେ ବାବା ମଣୀଙ୍କ ନିକଟରେ ମକର ଚାଉଳ, ପୋଡପିଠା ଲାଗି ହୋଇଛି ।

**ଖୋର୍ଦ୍ଧା** ଜିଲ୍ଲା ଅଟ୍ରି ଉଷ୍ଣ ପ୍ରସ୍ରବଣ ଓ ବାବା ହଟକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତି ମେଳା ଆୟୋଜିତ ହୋଇଛି । ୭ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମେଳାରେ ମାନସିକଧାରୀ ମାନେ ବୁଡ ପକାଉଛନ୍ତି ।

## ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆଜି ମକର ସଂକ୍ରାନ୍ତି ଅବସରରେ ଶ୍ରୀଜୀଉଙ୍କର ମକର ଚଉରାଶୀ ବେଶ ଅନୁଷ୍ଠିତ ହୋଇଯାଇଛି । ଦ୍ୱାରଫିଟା ନୀତି ପରେ ମହାପ୍ରଭୁଙ୍କ ମଙ୍ଗଳଆଳତୀ ଓ ଅବକାଶ ନୀତି ଶେଷ ହୋଇଥିଲା । ପରେ ଶ୍ରୀଜୀଉମାନଙ୍କର ପଟା ପହରଣ ଲାଗି କରାଯିବା ସହ ତ୍ରିମୁଣ୍ଡିରେ ମକରଚୂଳ ଓ କର୍ପୂର ଲାଗି ହୋଇ ବେଶ ବଢ଼ିଥିଲା । ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି ଆଦି ନୀତି ପରେ ମାଳଚୂଳ ଲାଗି ହୋଇ ମହାପ୍ରଭୁ ମକର-ଚଉରାଶୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

କୁମ୍ଭାରପଡାସ୍ଥିତ ଆଲମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ଆସିଥିବା ସ୍ୱତନ୍ତ୍ର ୫ଟି ମକରତାଡରେ ମକରଚାଉଳ ଭୋଗ  ହେବା ସହ ଏହା ବେଢା ପରିକ୍ରମା କରି ମହାପ୍ରଭୁଙ୍କ ନିକଟରେ ସମର୍ପଣ ହେବାର ପରମ୍ପରା ରହିଛି ।

## ଭିତ୍ତିପ୍ରସ୍ତର ସ୍ଥାପନ

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି ପାଟଣାଗଡ଼ ଗସ୍ତରେ ଯାଇ ଖପ୍ରାଖୋଲ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୫୫ କୋଟି ଟଙ୍କା ବ୍ୟୟରେ ୧୬ଟି ଉନ୍ନତିମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶୁଭଉଦ୍‌ଘାଟନ

କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଭୂମିହୀନମାନଙ୍କୁ ୪ ଡିସ୍‌ମିଲ୍ ଲେଖାଏଁ ଜମିପଟ୍ଟା ବଣ୍ଟନ କରିଛନ୍ତି।

# ବେଳାଭୂମି ମହୋତ୍ସବ

ଗୋପାଳପୁର ବେଳାଭୂମି ମହୋତ୍ସବ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଆଜି  ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।  ଉଦ୍‌ଯାପନୀ  ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ପୂର୍ବରୁ ଆସନ୍ତା ୨୨ ତାରିଖରେ ମହୋତ୍ସବ ହେବା ନେଇ ସ୍ଥିର ହୋଇଥିଲା।

## ନାମ ଲେଖା

**ବଲାଙ୍ଗିର** ସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟରେ ମାଲକାନଗିରି ଜିଲ୍ଲାର ୧୫ ଜଣ ଛାତ୍ର ନାମ ଲେଖାଇଛନ୍ତି। ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ପ୍ରଚେଷ୍ଟା କ୍ରମେ ଜିଲ୍ଲାର ଏହି ଛାତ୍ରମାନେ ବଲାଙ୍ଗିର ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲାର ଜନଜାତି ଯୁବକଯୁବତୀଙ୍କର ଦକ୍ଷତା ବିକାଶ ମାଧ୍ୟମରେ ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରି ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

# ପାଣିପାଗ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଶୀତର ପ୍ରଭାବ ଜାରି ରହିବ । ତେବେ ୧୮ତାରିଖରୁ ପଶ୍ଚିମାଝଡ ପ୍ରଭାବରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଶୀତ ଲହରି ବୃଦ୍ଧି ପାଇଁ କଟକ, ଜଗତସିଂହପୁର, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡା ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।